# NATIONAL NEWS BULLETIN (ODIA)

## 21 July - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ

–ଅଧିବେଶନ ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ

- ଗଠନମୂଳକ ରାଜନୀତିରେ ସାମିଲ ହେବାକୁ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି
- ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ଲେସୋଥୋ ସହିତ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ଲକ୍ଷ୍ୟ ନେଇ ମାସେରୁଠାରେ ପହଞ୍ଚିଲେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ
- ୟୁପିଆଇ ମାଧ୍ୟମରେ ଆର୍ଥିକ କାରବାର କ୍ଷେତ୍ରରେ ଭାରତ ବିଶ୍ୱର ନେତୃତ୍ୱ ନେଉଛି କହିଲା ଆନ୍ତର୍ଜାତିକ ମୁଦ୍ରାପାଣ୍ଠି

ଏବଂ

- ଫିଡେ ମହିଳା ବିଶ୍ୱକପ୍ ଚେସ୍ ଚମ୍ପିୟାନ୍‌ସିପ୍‌ର ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଲେ କୋନେରୁ ହମ୍ପି

## ମନ୍‌ସୁନ୍ ସେସନ୍

ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତାମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ

କାଳରେ ମୋଟ୍ ୨୧ଟି ବୈଠକ ବସିବ । ଅଧିବେଶନ କାଳରେ ୧୭ଟି ବିଲ୍ ଆଲୋଚନା ପାଇଁ ଉପସ୍ଥାପନ କରାଯିବାର ଆଶା କରାଯାଉଛି । ସେଥିମଧ୍ୟରେ ଜନବିଶ୍ୱାସ ବିଲ୍-୨୦୨୫, ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ୨୦୨୫ ଏବଂ ବାଣିଜ୍ୟିକ ପରିବହନ ବିଲ୍ ୨୦୨୪ ଆଦି ଅନ୍ତର୍ଭୁକ୍ତ । ଅପରେସନ ସିନ୍ଦୂର ପରେ ଏହା ସଂସଦର ପ୍ରଥମ ଅଧିବେଶନ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ଏହି ଅଧିବେଶନ କାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯିବ ।

ଅଧିବେଶନର ଅବ୍ୟବହିତ ପୂର୍ବରୁ ଗତକାଲି  ନୂଆଦିଲ୍ଲୀଠାରେ କେନ୍ଦ୍ର ମନ୍ତ୍ରୀ ଜଗତପ୍ରକାଶ ନଡ୍ଡାଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନତି, ଆଲୋଚନା ଗଠନମୂଳକ ଥିଲା ।  ଉଭୟ ଗୃହର ନୀତି ନିୟମ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି, ସରକାରଙ୍କ ପକ୍ଷରୁ ବିରୋଧୀ ଦଳକୁ ଗୃହର କାର୍ଯ୍ୟ ସୁପରିଚାଳନା ନିମନ୍ତେ  ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା ।

**V/O-KIREN-RIJIJU**

ଜଷ୍ଟିସ୍ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସଙ୍ଗ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ରିଜିଜୁ କହିଛନ୍ତି ସବୁ ରାଜନୈତିକ ଦଳ ମିଳିତ ଭାବେ ଏହି ପ୍ରକ୍ରିୟାରେ ସାମିଲ ହୋଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ଜଷ୍ଟିସ୍ ବର୍ମାଙ୍କ ବିରୁଦ୍ଧରେ ଆଗତ ହେବାକୁ ଥିବା ମହାଭିଯୋଗ ପ୍ରସ୍ତାବ ନେଇ ଆଇନ ବିଶେଷଜ୍ଞଙ୍କଠାରୁ ଆବଶ୍ୟକ ପରାମର୍ଶ ଗ୍ରହଣ କରାଯାଇଛି ବୋଲି ଶ୍ରୀ ରିଜିଜୁ

କହିଛନ୍ତି । ଜଷ୍ଟିସ୍ ବର୍ମାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ପ୍ରସ୍ତାବକୁ ୧୦୦ରୁ ଅଧିକ ସାଂସଦ ସମର୍ଥନ ଜ୍ଞାପନ  କରିସାରିଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି। ବିଜେଡ଼ି ନେତା ସସ୍ମିତ ପାତ୍ର ବୈଠକ ପରେ ଗଣମାଧ୍ୟମକୁ କହିଛନ୍ତି, ଅଧିବେଶନ କାଳରେ ଓଡ଼ିଶାର ଆଇନ ପରିସ୍ଥିତି ଏବଂ ମହିଳାଙ୍କ ସୁରକ୍ଷା ସଂପର୍କିତ ପ୍ରସଙ୍ଗ ଦଳ ପକ୍ଷରୁ ଉତ୍ଥାପନ କରାଯିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଆରମ୍ଭ ହେଉଥିବା ସଂସଦର ଅଧିବେଶନ ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ଭିପି

ଦେଶର ଗଠନମୂଳକ ରାଜନୀତିରେ ସାମିଲ ହେବାକୁ ରାଜନୈତିକ ଦଳଗୁଡ଼ିକୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀଠାରେ ରାଜ୍ୟସଭା ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମର ଅଷ୍ଟମ ପର୍ଯ୍ୟାୟ ଅଂଶଗ୍ରହଣକାରୀଙ୍କ ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧନ କରି ଉପରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି ପ୍ରତ୍ୟେକ ରାଜନୈତିକ ଦଳର ଜାତୀୟ ବିକାଶ ପ୍ରତି ପ୍ରତିବଦ୍ଧତା ରହିଛି । ଏହି ମାନସିକତାକୁ ସୁନିଶ୍ଚିତ କରିବା ଯୁବପିଢ଼ିଙ୍କ କର୍ତ୍ତବ୍ୟ । ଆଲୋଚନା’ ବିଚାରବିମର୍ଶ ମାଧ୍ୟମରେ ଆହ୍ୱାନର ସମାଧାନର ପନ୍ଥା ବାହାର କରିବାରେ ଭାରତ ବିଶ୍ୱସ୍ତରରେ ନିଜକୁ ପ୍ରତିପାଦନ କରିପାରିଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ସାରଗର୍ଭକ ଆଲୋଚନା ଏବଂ ବିଚାରବିମର୍ଶ ଦେଶକୁ ବିକାଶପଥରେ ଆଗେଇ ନେବ ବୋଲି ଉପରାଷ୍ଟ୍ରପତି ଆଶା ବ୍ୟକ୍ତ କରିଛନ୍ତି ।

# ପିଏମ୍-ୟୁକେ ମାଲଦୀପ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନ୍ ଏବଂ ମାଲଦୀପକୁ ଆସନ୍ତା ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଗସ୍ତରେ ଯିବେ । ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦୀ ବ୍ରିଟେନ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମାଲଦୀପକୁ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଉଭୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ବ୍ୟାପକ କରିବା ନେଇ ଆଲୋଚନା କରିବାର ସମ୍ଭାବନା ରହିଛି । ଶ୍ରୀ ମୋଦୀ କିଙ୍ଗ ଚାର୍ଲସ୍ ତୃତୀୟଙ୍କ ସହ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି ।

ମାଲଦୀପ୍ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମାଲଦୀପ ଗସ୍ତ କରିବେ । ମାଲଦୀପର ୬୦ତମ ସ୍ୱାଧୀନତା ଦିବସ ଉତ୍ସବରେ ଶ୍ରୀ ମୋଦୀ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଏମ୍ଓଏସ୍ ଭିଜିଟ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ରା ମାର୍ଘେରିଟା ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ଲେସୋଥୋ ଗସ୍ତରେ ଯାଇଛନ୍ତି । ଗତ ସନ୍ଧ୍ୟାରେ ସେ ମାସେରୁଠାରେ ପହଞ୍ଚିଛନ୍ତି । ବିମାନ ବନ୍ଦରଠାରେ ଲେସୋଥୋ ର ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସଂପର୍କର ପ୍ରମୁଖ ସଚିବ ଥାବାଙ୍ଗ ଲେଖେଲା ତାଙ୍କୁ ସ୍ୱାଗତ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମାର୍ଘେରିଟା କହିଛନ୍ତି ଦ୍ୱିପାକ୍ଷିକ ସଂପର୍କକୁ ମଜବୁତ କରିବା ତାଙ୍କ ଗସ୍ତର ଉଦ୍ଦେଶ୍ୟ । ଏହି ଗସ୍ତ ଅବସରରେ ଏସୱାଟିନିର ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସଂପର୍କ

ମନ୍ତ୍ରୀଙ୍କ ସହିତ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ମାସେରୁଠାରେ ସୂଚନା, ଯୋଗାଯୋଗ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଶିକ୍ଷା ଏବଂ ତାଲିମ, ଶ୍ରମ ଓ ନିଯୁକ୍ତି ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଲେସୋଥୋର ମନ୍ତ୍ରିମଣ୍ଡଳୀୟ ସଦସ୍ୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ମନ୍ତ୍ରୀ ଶ୍ରୀ ମାର୍ଘେରିଟା ଗତ ସନ୍ଧ୍ୟାରେ ଏସୱାଟିନିଠାରେ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିଛନ୍ତି ।

## ବିହାର-ମନ୍‌ସୁନ୍ ସେସନ୍

ବିହାର ବିଧାନସଭାର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଂକ୍ଷିପ୍ତ ଅଧିବେଶନ କାଳରେ ୫ଟି ବୈଠକ ବସିବ । ସପ୍ତଦଶ ବିଧାନସଭାର ଏହା ଶେଷ ଅଧିବେଶନ ହେବ । ଏହି ଅଧିବେଶନ କାଳରେ ଚଳିତ ଆର୍ଥିକବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଆଗତ କରାଯିବ । ୧୦ରୁ ଅଧିକ ବିଲ୍ ଆଗତ ହେବାର ଆଶା କରାଯାଉଛି । ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ବିହାରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।

## ଆଇଏମ୍‌ଏଫ୍-ୟୁପିଆଇ

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି- ଆଇଏମ୍‌ଏଫ୍ କହିଛି, ୟୁପିଆଇ ମାଧ୍ୟମରେ ଆର୍ଥିକ କାରବାରରେ ଭାରତ ବିଶ୍ୱର ନେତୃତ୍ୱ ନେଉଛି । ଚଳିତବର୍ଷ ଜୁନ୍ ମାସରେ ୟୁପିଆଇ ମାଧ୍ୟମରେ କାରବାର ୨୪ ଲକ୍ଷ କୋଟିରୁ ଅଧିକ ହୋଇଛି । ଏ ସଂପର୍କରେ ଏକ ରିପୋର୍ଟ:

*ୟୁପିଆଇ ଭାରତର ଆର୍ଥିକ କାରବାର ଇକୋସିଷ୍ଟମ୍‌ରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି-ଆଇଏମ୍‌ଏଫ୍ କହିଛି । **ଖୁଚୁରା ବ୍ୟାବସାୟିକ କାରବାରରେ ଅଭିବୃଦ୍ଧି** ଶୀର୍ଷକ ରିପୋର୍ଟରେ ଆଇଏମ୍‌ଏଫ୍ କହିଛି, ୟୁପିଆଇ ମାଧ୍ୟମରେ ମାସିକ ୧୮ ବିଲିୟନ୍‌ରୁ ଅଧିକ ଆର୍ଥିକ କାରବାର ହେଉଛି । ଭାରତୀୟ ଜାତୀୟ ପେମେଣ୍ଟ କର୍ପୋରେସନ ଦ୍ୱାରା ୨୦୧୬ରେ ୟୁପିଆଇ ବ୍ୟବସ୍ଥା ଲାଗୁ କରାଯାଇଥିଲା । ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଏକ ମୋବାଇଲ୍ ଆପ୍ ସହିତ ଲିଙ୍କ୍ କରାଯିବା ସହ ତୁରନ୍ତ ଆର୍ଥିକ କାରବାର କ୍ଷେତ୍ରକୁ ଏହା ଗତିଶୀଳ କରିଛି । ଆଇଏମ୍‌ଏଫ୍ କହିଛି, କ୍ଷୁଦ୍ର ବ୍ୟବସାୟକୁ ଏହା ସହଯୋଗ ପ୍ରଦାନ କରୁଛି । ସରକାରୀ ତଥ୍ୟ ଅନୁଯାୟୀ ୟୁପିଆଇ ମାଧ୍ୟମରେ ପ୍ରତି ମାସରେ ହେଉଥିବା ଆର୍ଥିକ କାରବାର ଭାରତର ମୋଟ୍ ଡିଜିଟାଲ୍ ପେମେଣ୍ଟର ୮୫ ପ୍ରତିଶତରେ ପହଞ୍ଚିଛି ।*

*ଗତ ଜୁନ୍ ମାସରେ ୨୪ ଲକ୍ଷ ୩ ହଜାର କୋଟି ଟଙ୍କାର କାରବାର ହୋଇଛି । ଗତବର୍ଷ ତୁଳନାରେ ଏହା ୩୨ ପ୍ରତିଶତ ଅଧିକ । ୪୯୧ ନିୟୁତ ଉପଭୋକ୍ତା ଏବଂ ୬୫ ନିୟୁତ ବ୍ୟବସାୟୀ ୟୁପିଆଇ ମାଧ୍ୟମରେ କାରବାରରେ ସଂଶ୍ଳିଷ୍ଟ ହୋଇଛନ୍ତି । ଏଥିରେ ୬୭୫ଟି ବ୍ୟାଙ୍କକୁ ଯୋଡ଼ା ଯାଇପାରିଛି । ଖୁଚୁରା ବ୍ୟବସାୟ ସୁରକ୍ଷିତ ହେବା ସହ ଦେଶର ବହୁ ନାଗରିକ ଆର୍ଥିକ କାରବାର ପାଇଁ ୟୁପିଆଇ ଉପରେ ନିର୍ଭର କରିଥାନ୍ତି ।*

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା*

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସ୍ୱାସ୍ଥ୍ୟ ଉପରେ ଜଙ୍କ୍‌ଫୁଡ୍‌ର ପ୍ରତିକୂଳ ପ୍ରଭାବ** ଶୀର୍ଷକ

ଆଲୋଚନାର ପ୍ରଚାର କରାଯିବ । ଏମ୍‌ସ୍‌ର ଗ୍ୟାଷ୍ଟ୍ରୋ-ଏଣ୍ଟ୍ରୋଲୋଜି ବିଭାଗର ପ୍ରଫେସର ଡାକ୍ତର ଗୋବିନ୍ଦ ମଖାରିଆ ଏବଂ ଖାଦ୍ୟ ବିଶେଷଜ୍ଞ ଡକ୍ଟର ମାନା ମନରାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ୟୁପି-ୟୁଥ୍

ବାରାଣାସି ଠାରେ 'ବିକଶିତ ଭାରତ ଗଠନ ନିମନ୍ତେ ନିଶାମୁକ୍ତ ଯୁବ ସମାଜ' ଶୀର୍ଷକ ନେଇ ଚାଲିଥିବା ତିନି ଦିନିଆ ଯୁବ ଆଧ୍ୟାତ୍ମିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ବିକଶିତ ଭାରତ ଗଠନ ଲକ୍ଷ୍ୟ ହାସଲ ନିମନ୍ତେ ଯୁବ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଅବସରରେ କାଶୀ ସଂକଳ୍ପପତ୍ର ମାଧ୍ୟମରେ ନିଶାମୁକ୍ତ ଯୁବ ସମାଜ ଗଠନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ହିମାଚଳ ପ୍ରଦେଶ ରାଜ୍ୟପାଳ ଶିବପ୍ରତାପ ଶୁକ୍ଲା କହିଛନ୍ତି, ଏହି ସମ୍ମିଳନୀରେ ନିଶା ସେବନ ବିରୁଦ୍ଧରେ ଜାତୀୟ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି ।

ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ର ମନ୍ତ୍ରୀ ରକ୍ଷା ନୀତି ଖଡ୍‌ସେ  କାର୍ଯ୍ୟକ୍ରମ ଯୋଗଦେଇ ନିଶାମୁକ୍ତ ଯୁବ ସମାଜ ଗଠନ ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମିଳନୀରେ  ପ୍ରାୟ ୬୦୦ ଯୁବ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

## ସ୍ପୋର୍ଟସ୍ ରାଉଣ୍ଡଅପ୍

ଫିଡେ ମହିଳା ବିଶ୍ୱକପ୍ ଚେସ୍ ଚମ୍ପିୟାନ୍‌ସିପ୍-୨୦୨୫ ପ୍ରତିଯୋଗିତାରେ କୋନେରୁ ହମ୍ପି ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଏହି ସଫଳତା କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ଖେଳାଳି । ଜର୍ଜିଆର ବାଟୁମି ଠାରେ ଗତକାଲି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ୍‌ରେ ହମ୍ପି' ଚୀନ୍‌ର ସୋଙ୍ଗ୍ ୟୁଜିନ୍‌ଙ୍କୁ ପରାସ୍ତ କରିଥିଲେ ।

ବୁଦାପେଷ୍ଟଠାରେ ଅନୁଷ୍ଠିତ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାରତ ୧୦ଟି ପଦକ ହାସଲ କରିଛି । ସେଥିମଧ୍ୟରେ ୩ଟି ଲେଖାଏଁ ସ୍ୱର୍ଣ୍ଣ ଏବଂ ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ରହିଛି ।